# NATIONAL NEWS BULLETIN (ODIA)

## 13 February - 2026

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଆଧୁନିକ ଓ ଦକ୍ଷ ପ୍ରଶାସନିକ ସେବା ଯୋଗାଇବା ଉଦ୍ଦେଶ୍ୟରେ ଆଜି ଦିଲ୍ଲୀରେ ସେବାତୀର୍ଥ ଓ କର୍ତ୍ତବ୍ୟ ଭବନକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ବଜେଟ୍ ଅଧିବେଶନର ଆଜି ଶେଷ ହେବ ପ୍ରଥମ ପର୍ଯ୍ୟାୟ ।

– ମାର୍ଚ୍ଚ ୯ରୁ ଦ୍ୱିତୀୟ ପର୍ଯ୍ୟାୟ ।

- ବାଂଲାଦେଶରେ ଭୋଟ ଗଣତି ଜାରି ।

– ବହୁମତ ଆଡ଼କୁ ଅଗ୍ରସର ହେଉଛି ବାଂଲାଦେଶ ନେସନାଲିଷ୍ଟ ପାର୍ଟି ।

- ରେଡ଼ିଓର ମହତ୍ୱ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ରେଡ଼ିଓ ଦିବସ ।

ଏବଂ

- ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଗତକାଲି ଅନୁଷ୍ଠିତ ତିନୋଟି ମ୍ୟାଚ୍‌ରେ ଭାରତ, ଶ୍ରୀଲଙ୍କା ଏବଂ ଇଟାଲୀ ବିଜୟୀ ।

# ପିଏମ୍‌-ସେବାତୀର୍ଥ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ଜାତୀୟ ରାଜଧାନୀ ଦିଲ୍ଲୀରେ ସେବାତୀର୍ଥ ନାମର ଉନ୍ମୋଚନ  କରିବେ । ପରେ ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ ସେବାତୀର୍ଥ  ଏବଂ କର୍ତ୍ତବ୍ୟ ଭବନ ୧ ଓ ୨ର ଉଦ୍‌ଘାଟନ କରିବେ । ସଂଧ୍ୟା ସମୟରେ ଶ୍ରୀ ମୋଦୀ ସେବାତୀର୍ଥସ୍ଥଳୀରେ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଦେଶର ପ୍ରଶାସନିକ ସଂରଚନା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଲୋକମାନଙ୍କୁ ଆଧୁନିକ, ଦକ୍ଷ ଏବଂ ସହଜ ଭାବରେ ସେବା ଯୋଗାଇଦେବା କ୍ଷେତ୍ରରେ ଏହା ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ।

ସେବାତୀର୍ଥରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଓ କ୍ୟାବିନେଟ୍‌ ସଚିବାଳୟ ରହିଛି । ସେଠାରେ ପ୍ରଶାସିନକ କାର୍ଯ୍ୟ ପାଇଁ ସମସ୍ତ ଆଧୁନିକ ବ୍ୟବସ୍ଥା କରାଯାଇଛି ।

କର୍ତ୍ତବ୍ୟଭବନ ୧ ଓ ୨ରେ ଅନେକଗୁଡ଼ିଏ ପ୍ରମୁଖ ମନ୍ତ୍ରଣାଳୟ ରହିଛି । ସେଠାରେ ଅର୍ଥ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଶିକ୍ଷା ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ରହିଛି । ଉଭୟ ସୌଧରେ କାର୍ଯ୍ୟାଳୟ ଗୁଡ଼ିକୁ ଡିଜିଟାଲ ଜରିଆରେ ସମନ୍ୱିତ କରାଯିବା ସହ ସାଧାରଣ ଲୋକଙ୍କୁ ସେବା ଯୋଗାଇଦେବା ଲାଗି ବ୍ୟବସ୍ଥା କରାଯାଇଛି । ଏହିସବୁ ସୌଧ ଗୁଡ଼ିକରେ ଉନ୍ନତ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ଯାହାଫଳରେ ଭିତ୍ତିଭୂମିର ସୁରକ୍ଷା କରାଯାଇ କର୍ମଚାରୀ, ଦର୍ଶକ ଏବଂ ସାଧାରଣ ଜନତାଙ୍କୁ ତ୍ୱରିତ ଢ଼ଙ୍ଗରେ ସମସ୍ତ ସେବା ଉପଲବ୍ଧ କରାଯାଇ ପାରିବ ।

## ଆର୍‌ବିଆଇ-ଡିଜିଟାଲ୍ ପେମେଣ୍ଟ ଇଣ୍ଡେକ୍ସ

ଭାରତୀୟ ରିଜର୍ଭ ବ୍ୟାଙ୍କର ଡିଜିଟାଲ୍ ଦେୟ ସୂଚକାଙ୍କ ୨୦୨୫ ସେପ୍ଟେମ୍ବରରେ ୫୧୬ ଦଶମିକ୍ ୭/୬କୁ ବୃଦ୍ଧି ପାଇଛି ଯାହା ପୂର୍ବ ବର୍ଷ ୪୬୫ ଦଶମିକ୍ ୩/୩ ଥିଲା। ୨୦୨୫ ମାର୍ଚ୍ଚରେ, ସୂଚକାଙ୍କ ୪୯୩ ଦଶମିକ୍ ୨/୨ ରହିଥିଲା। ଏହି ବୃଦ୍ଧି ଦର୍ଶାଉଛି ଯେ ସାରା ଦେଶରେ ଅଧିକ ଲୋକ ଅନଲାଇନ୍ ଟ୍ରାନ୍ସଫର, ମୋବାଇଲ୍ ପେମେଣ୍ଟ୍ ଏବଂ କାର୍ଡ ପେମେଣ୍ଟ୍ ଭଳି ଡିଜିଟାଲ୍ ପେମେଣ୍ଟ୍ ପଦ୍ଧତି ବ୍ୟବହାର କରୁଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ସୂଚନା ଅନୁଯାୟୀ, ଏହି ଅଭିବୃଦ୍ଧି ମୁଖ୍ୟତଃ ଉନ୍ନତ ପେମେଣ୍ଟ୍ ପ୍ରଦର୍ଶନ ଏବଂ ଡିଜିଟାଲ୍ କାରବାରକୁ ସମର୍ଥନ କରୁଥିବା ଦୃଢ଼ ପେମେଣ୍ଟ୍ ବ୍ୟବସ୍ଥା ଯୋଗୁଁ ସମ୍ଭବ ହୋଇପାରିଛି। ୨୦୧୮ ମାର୍ଚ୍ଚକୁ ମୂଳ ବର୍ଷ ଭାବରେ ଏବଂ ଏକଶହ ନିର୍ଦ୍ଧାରିତ ସ୍କୋର ସହିତ ଡିଜିଟାଲ୍ ପେମେଣ୍ଟ୍ ସୂଚକାଙ୍କ ୨୦୨୧ ପରଠାରୁ ପ୍ରତିବର୍ଷ ଦୁଇଥର ପ୍ରକାଶିତ ହେଉଛି। ଭାରତରେ ଡିଜିଟାଲ୍ ପେମେଣ୍ଟ୍ କିପରି ବୃଦ୍ଧି ପାଉଛି ତାହା ମାପିବା ପାଇଁ, ସୂଚକାଙ୍କ ପାଞ୍ଚଟି ମୁଖ୍ୟ କ୍ଷେତ୍ରକୁ ବିଚାରକୁ ନେଇଥାଏ। ଏଥିରେ ଦେୟ

ସମର୍ଥନ କରୁଥିବା ବ୍ୟବସ୍ଥା, ଗ୍ରାହକ ଏବଂ ସେବା ପ୍ରଦାନକାରୀ ଉଭୟ ପକ୍ଷର ଭିତ୍ତିଭୂମି, ସାମଗ୍ରିକ ଦେୟ ପ୍ରଦର୍ଶନ ଏବଂ ଦେୟ ବ୍ୟବସ୍ଥାର ଗ୍ରାହକ-ଅନୁକୂଳତା ଅନ୍ତର୍ଭୁକ୍ତ।

## ବଜେଟ୍ ସେସନ-ରିସେସ୍

ସଂସଦର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆଜି ଶେଷ ହେବ । ଉଭୟ ଗୃହକୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ମୁଲତବୀ ରହିବା ପରେ ୯ ତାରିଖରେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ । ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ୨୮ ତାରିଖରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସହ ଆରମ୍ଭ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଗତକାଲି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟସଭାରେ କେନ୍ଦ୍ର ବଜେଟ ଉପରେ ଆଲୋଚନାର ଉତ୍ତର ଦେଇଥିଲେ।

ଏହି ଅଧିବେଶନ କାଳରେ ଲୋକସଭାରେ, ଟ୍ରେଜେରୀ ବେଞ୍ଚ ଏବଂ ବିରୋଧୀ ବେଞ୍ଚ ସଦସ୍ୟଙ୍କ ମଧ୍ୟରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ହଟ୍ଟଗୋଳ ମଧ୍ୟରେ ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ ବିଧେୟକ ୨୦୨୬ ଗତକାଲି ପାରିତ ହୋଇଥିଲା ।

# ଶିବରାଜ-ପୀୟୂଷ-ରାହୁଲ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଶ୍ରୀ ଗାନ୍ଧୀଙ୍କର ଦେଶର କୃଷକମାନଙ୍କ ପ୍ରତି ବହୁତ କମ୍ ଚିନ୍ତା ରହିଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଚୌହାନ କହିଛନ୍ତି, ରାହୁଲ ଗାନ୍ଧୀ କେବେବି କୃଷକମାନଙ୍କ ସଶକ୍ତିକରଣକୁ ନେଇ ଚିନ୍ତା କରିନାହାନ୍ତି  ଏବଂ ସେ ବାରମ୍ବାର ଦେଶ ବିରୋଧୀ ବୟାନ ଦେଉଛନ୍ତି। କୃଷି ମନ୍ତ୍ରୀ କହିଛନ୍ତି, ଶ୍ରୀ ଗାନ୍ଧୀ ମିଛ କହିବାର ସମସ୍ତ ରେକର୍ଡ ଭାଙ୍ଗି ଛନ୍ତି ଏବଂ ମିଛ ପ୍ରଚାର କରି ଲୋକଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି।

**V/O-Shivraj**

ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ମଧ୍ୟ ରାହୁଲ ଗାନ୍ଧୀଙ୍କ ଉପରେ ଭୁଲ ସୂଚନା ପ୍ରଦାନ ଏବଂ ଭିତ୍ତିହୀନ ଅଭିଯୋଗ ଆଣିବା ନେଇ ସମାଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ କହିଛନ୍ତି, ଶ୍ରୀ ଗାନ୍ଧୀ ମିଥ୍ୟା କାହାଣୀ ମାଧ୍ୟମରେ ଚାଷୀ ସମ୍ପ୍ରଦାୟକୁ ଭ୍ରମିତ କରିବା ଏବଂ ଉତ୍ତେଜନା ସୃଷ୍ଟି କରିବା ଲାଗି ଚେଷ୍ଟା କରୁଛନ୍ତି।

# ବାଂଲାଦେଶ କାଉଟିଂ

ବାଂଲାଦେଶରେ ତ୍ରୟୋଦଶ ସାଧାରଣ ନିର୍ବାଚନ ଲାଗି ଗତକାଲି ମତଦାନ ଶେଷ ହେବା ପରେ ଭୋଟଗଣତି ଜାରି ରହିଛି । ଆଜି ସକାଳ ୩ଟା ୩୦ ମିନିଟ୍ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ବାଂଲାଦେଶ ନେସନାଲିଷ୍ଟ ପାର୍ଟି ୧୭୦ଟି ଆସନରେ ଆଗୁଆ ଥିବା ଜଣାପଡ଼ିଛି । ପ୍ରାୟ ଦୁଇ ଦଶନ୍ଧି ହେବ କ୍ଷମତାରୁ ବାହାରେ ଥିବା ବି.ଏନ୍.ପି. ଦୁଇତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲ କରିବା ଅନୁମାନ କରାଯାଉଛି ।

ଜମ୍ମାତ୍-ଏ-ଇସଲାମି ଏବଂ ଏହାର ମେଣ୍ଟ ଦଳ ୬୦ଟି ଆସନରେ ବିଜୟ ଲାଭ କରିଥିବା ବେଳେ ନେସନାଲ୍ ସିଟିଜେନ୍ ପାର୍ଟି ୬ଟି ଆସନରେ ବିଜୟ ଲାଭ କରିଛି ।

# ରେଡ଼ିଓ ଦିବସ

ରେଡିଓର ମହତ୍ୱ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ରେଡିଓ ମାଧ୍ୟମରେ ସୂଚନା ପାଇବା ଲାଗି ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ରେଡିଓ ଦିବସ ପାଳନ କରାଯାଉଛି । ରେଡ଼ିଓର ଅନନ୍ୟ ଶକ୍ତିକୁ ମନେ ପକାଇ ପୃଥିବୀର କୋଣଅନୁକୋଣରୁ ଲୋକମାନଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବାର ବାର୍ତ୍ତା ଦେଉଛି ବିଶ୍ୱ

ରେଡିଓ ଦିବସ । ଚଳିତ ବର୍ଷ ବିଶ୍ୱ ରେଡ଼ିଓ ଦିବସର ବାର୍ତ୍ତା ରହିଛି, "ରେଡିଓ ଏବଂ କୃତ୍ରିମ ବୁଦ୍ଧିମତ୍ତା : ଏ.ଆଇ. ଏକ ଉପକରଣ, ସ୍ୱର ନୁହେଁ" ।

୧୯୪୬ ମସିହାରେ ଜାତିସଂଘ ରେଡିଓ ପ୍ରତିଷ୍ଠା ଦିବସକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଫେବୃଆରୀ ୧୩ରେ ଏହି ଦିବସ ପାଳନ କରାଯାଏ। ବିଶ୍ୱ ରେଡିଓ ଦିବସ ୨୦୨୬ ପାଳନ କରିବା ପାଇଁ, ଆକାଶବାଣୀ ରାୟପୁର, ଛତିଶଗଡ଼, ୟୁନେସ୍କୋ ସହଯୋଗରେ, ଆଜି ବିଶ୍ୱ ରେଡିଓ ଦିବସ ସମ୍ମିଳନୀ ଆୟୋଜନ କରୁଛି। ସମ୍ମିଳନୀରେ ସରକାରୀ ବିଷୟବସ୍ତୁ ଉପରେ କେନ୍ଦ୍ରୀତ ଏବଂ ରେଡିଓ ପ୍ରସାରଣର ମୂଳରେ ମାନବ ସ୍ୱରକୁ ସଂରକ୍ଷଣ କରି ଏ.ଆଇ. କିପରି ବିଷୟବସ୍ତୁ ସୃଷ୍ଟି, ଶ୍ରୋତାଙ୍କ ସହଭାଗିତା ଏବଂ ସହଜତାକୁ ସୁଦୃଢ଼ କରିପାରିବ ସେ ବିଷୟରେ ଆଲୋଚନା କରାଯିବ।

'ବହୁଜନ ହିତାୟ, ବହୁଜନ ସୁଖାୟ' ମୂଳମନ୍ତ୍ର ସହିତ ଆକାଶବାଣୀ ଏହାର ପ୍ରତିଷ୍ଠା ଦିନରୁ ଦେଶ ସେବା କରିଆସୁଛି। ସ୍ୱାଧୀନତା ପରେ ସାଧାରଣ ମାଲିକାନା ଅଧୀନକୁ ଅଣାଯାଇଥିବା ଆକାଶବାଣୀ ଭାଷା ପ୍ରସାରଣ ସଂଖ୍ୟା ଏବଂ ଦର୍ଶକଙ୍କ ବିବିଧତା ଦୃଷ୍ଟିରୁ ବିଶ୍ୱର ସର୍ବବୃହତ ପ୍ରସାରଣ ସଂଗଠନ ମଧ୍ୟରୁ ଗୋଟିଏରେ ପରିଣତ ହୋଇଛି। ଘରୋଇ ଏଫ୍‌ଏମ୍ ରେଡିଓ ସମଗ୍ର ସହରାଞ୍ଚଳ ଏବଂ ଆଞ୍ଚଳିକ ଭାରତରେ ସ୍ଥାନୀୟ

ମନୋରଞ୍ଜନ ଏବଂ ସୂଚନା ପ୍ରଦାନ କରି ସାର୍ବଜନୀନ ପ୍ରସାରଣକୁ ପରିପୂର୍ଣ୍ଣ କରୁଛି ।

ବିଶ୍ୱ ରେଡିଓ ଦିବସ ଅବସରରେ ସୂଚନା ଏବଂ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ କହିଛନ୍ତି, ସାଧାରଣ ଲୋକଙ୍କ ନିକଟରେ ସୂଚନା ପହଞ୍ଚାଇବାରେ ରେଡିଓ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## ଆଇଏଆର୍ଆଇ-କନ୍ଭୁକେଶସନ

ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ – **IARI** ଆଜି ନୂଆଦିଲ୍ଲୀରେ ଏହାର ୬୪ତମ ସମାବର୍ତ୍ତନ ଉତ୍ସବ ଆୟୋଜନ କରିବ । କାର୍ଯ୍ୟକ୍ରମରେ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବେ । ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଭଗୀରଥ ଚୌଧୁରୀ ଏବଂ ରାମ ନାଥ ଠାକୁର ମଧ୍ୟ ସମାବର୍ତ୍ତନରେ ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମରେ ପ୍ରାୟ ୪୫୦ ଛାତ୍ରଛାତ୍ରୀଙ୍କୁ **MSC, M.Tech** ଏବଂ **PhD** ଡିଗ୍ରୀ ପ୍ରଦାନ କରାଯିବ । ଗତକାଲି ଅନୁଷ୍ଠିତ ୫୬ତମ ଲାଲ ବାହାଦୂର ଶାସ୍ତ୍ରୀ ସ୍ମାରକୀ ଅଭିଭାଷଣ ଅନୁଷ୍ଠିତ ହୋଇଥିଲା ।

ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ, ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ, ଶ୍ରୀନିବାସ ରାଓ  ଗତ ବର୍ଷଠାରୁ ପ୍ରତିଷ୍ଠାନର ବିଭିନ୍ନ ଗବେଷଣା ସଫଳତା ଉପରେ କହିଥିଲେ ।

## ପଞ୍ଚାୟତିରାଜ ବ୍ରାଞ୍ଚ

ସରକାର ୫ଟି ରାଜ୍ୟର ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ପାଇଁ ୨୦୨୫-୨୬ ପାଇଁ ପଞ୍ଚଦଶ ଅର୍ଥ କମିଶନ, ମୂଳ ଅନୁଦାନର ଦ୍ୱିତୀୟ କିସ୍ତିରେ ତିନି ହଜାର ୩୨୪ କୋଟି ଟଙ୍କାରୁ ଅଧିକ ମଞ୍ଜୁର କରିଛନ୍ତି। ଏହି ରାଜ୍ୟଗୁଡ଼ିକ ହେଉଛି ବିହାର, ହରିୟାଣା, ହିମାଚଳ ପ୍ରଦେଶ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ। ପଞ୍ଚାୟତିରାଜ ମନ୍ତ୍ରଣାଳୟ କହିଛି ଯେ ଏହି ମୂଳ ଅନୁଦାନକୁ ସ୍ଥାନ-ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ବ୍ୟବହାର କରାଯିବ। ଏହା ଆହୁରି ମଧ୍ୟ କହିଛି ଯେ ବିଶେଷ ସହାୟତା ଅର୍ଥକୁ ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଏବଂ ଜଳ ପରିଚାଳନା ସହିତ ପରିମଳ ଏବଂ ଖୋଲା ମଳତ୍ୟାଗ ମୁକ୍ତ ସ୍ଥିତି ରକ୍ଷଣାବେକ୍ଷଣ ଭଳି ମୌଳିକ ସେବା ପାଇଁ ବ୍ୟବହାର କରାଯାଇପାରିବ।

## ୟୁଏସ୍-ସିରିଆ ବେସ୍

ଆମେରିକା ସେନା ଗତକାଲି ସିରିଆର ରଣନୈତିକ ଘାଟି ଅଲ୍-ତାନ୍‌ଫ ଗାରିସନ୍‌ରୁ ସେନା ପ୍ରତ୍ୟାହାର କରିବା ପରେ ତାହାକୁ ସିରିଆ ସେନାକୁ ହସ୍ତାନ୍ତର କରିଛି । ୨୦୧୪ରେ ସିରିଆରେ ଗୃହ ଯୁଦ୍ଧ ସମୟରେ ଏହି ଘାଟି ପ୍ରତିଷ୍ଠା କରାଯାଇଥିଲା । ୨୦୧୯ରେ ଇସ୍‌ଲାମିକ୍ ଷ୍ଟେଟ୍‌ର ପରାଜୟ ପରେ ଇରାନ୍ ପ୍ରଭାବ ବିରୋଧରେ ମୁକାବିଲା ଲାଗି ଏହି ଘାଟି ପ୍ରମୁଖ ସ୍ଥାନ ପାଲଟିଥିଲା । ଗତ ନଭେମ୍ବରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ପୂର୍ବତନ ଅଲ୍‌କାଏଦା କମାଣ୍ଡାରଙ୍କ ଆଲୋଚନା ପରେ ସିରିଆ ସେନାଙ୍କୁ ଘାଟି ହସ୍ତାନ୍ତର ନେଇ ସମ୍ମତି ପ୍ରକାଶ ପାଇଥିଲା ।

## ଆର୍‌ବିଆଇ-ଫାର୍ମର୍ସ୍ ଲୋନ୍

ଭାରତୀୟ ରିଜର୍ଭ ବ୍ୟାଙ୍କ କିଷାନ କ୍ରେଡିଟ୍ କାର୍ଡ ଯୋଜନା ପାଇଁ ସଂଶୋଧିତ ଡ୍ରାଫ୍‌ଟ ମାନଦଣ୍ଡ ଜାରି କରିଛି । ଏଥିରେ ଯୋଗ୍ୟ କୃଷି ଋଣ ଉପାଦାନ ମଧ୍ୟରେ ମୃତ୍ତିକା ପରୀକ୍ଷା, ପାଣିପାଗ ପୂର୍ବାନୁମାନ ଏବଂ ଜୈବିକ ପ୍ରମାଣପତ୍ର ଭଳି କୃଷି-ପ୍ରଯୁକ୍ତି ପଦକ୍ଷେପ ଉପରେ ହେଉଥିବା ଖର୍ଚ୍ଚ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଡ୍ରାଫ୍‌ଟରେ ପ୍ରତି ଋଣଗ୍ରହୀତାଙ୍କ ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଏବଂ ଆନୁଷଙ୍ଗିକ ଋଣ ପାଇଁ ସମାନ୍ତରାଳ ଓ ମାର୍ଜିନ୍ ଆବଶ୍ୟକତା ଛାଡ଼ କରିବାକୁ ଅନୁମତି

ଦିଆଯାଇଛି । କିଷାନ କ୍ରେଡିଟ୍ କାର୍ଡ ଅଧୀନରେ ଉଠାଣ ସୀମାକୁ ପ୍ରତ୍ୟେକ ଫସଲର ଆର୍ଥିକ ସ୍ଥର ସହିତ ସଂଯୁକ୍ତ କରାଯାଇଛି । ଏକ ହେକ୍ଟର ପର୍ଯ୍ୟନ୍ତ ଜମି ଥିବା ଚାଷୀଙ୍କ ପାଇଁ ୧୦ ହଜାରରୁ ୫୦ ହଜାର ଟଙ୍କାର ସହଜ କ୍ରେଡିଟ୍ ସୀମା ପ୍ରସ୍ତାବ ରହିଛି । ରିଜର୍ଭ ବ୍ୟାଙ୍କ କମ ଦିନିଆ  ଫସଲ ପାଇଁ ୧୨ ମାସ ଏବଂ ଅଧିକ ଦିନିଆ ଫସଲ ପାଇଁ ୧୮ ମାସ ଫସଲ ମାନଦଣ୍ଡ ସ୍ଥିର କରିଛି ଓ କିଷାନ କ୍ରେଡିଟ୍ କାର୍ଡ ବୈଧତାକୁ ଛଅ ବର୍ଷକୁ ବୃଦ୍ଧି କରିଛି । ୨୦୨୬ ମାର୍ଚ୍ଚ ୬ ସୁଦ୍ଧା ଡ୍ରାଫ୍ଟ ମାନଦଣ୍ଡ ଉପରେ ମତାମତ ଦାଖଲ କରାଯାଇପାରିବ ବୋଲି କୁହାଯାଇଛି ।

## ଟି-ଟ୍ୱେଣ୍ଟି-କ୍ରିକେଟ୍ ୱାର୍ଲ୍ଡକପ୍

ପୁରୁଷ ଟି-୨୦ କ୍ରିକେଟ ବିଶ୍ୱକପରେ, ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଗ୍ରୁପ୍-ଏ ମ୍ୟାଚ୍‌ରେ ଭାରତ ୯୩ ରନରେ ନାମିବିଆକୁ ପରାସ୍ତ କରିଛି । ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଏହା ସବୁଠାରୁ ବଡ ବିଜୟ । ଭାରତ ଦ୍ୱାରା ଧାର୍ଯ୍ୟ ୨୧୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି, ନାମିବିଆ ୧୮ଓଭର ୨ଟି ବଲ୍‌ରେ ୧୧୬ ରନରେ ସମସ୍ତ ୱିକେଟ୍ ହରାଇଥିଲା । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୨୦୯ ରନ କରିଥିଲା । ଇଶାନ କିଶାନ ୨୪ ବଲରୁ ସର୍ବାଧିକ ୬୧ ରନ ସ୍କୋର କରିଥିଲେ । ସେ ଟି-୨୦ ବିଶ୍ୱକପ୍

ଇତିହାସରେ ଅର୍ଦ୍ଧଶତକ ହାସଲ କରିଥିବା ପ୍ରଥମ ଭାରତୀୟ ୱିକେଟ୍ କିପର ହୋଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଗତକାଲି ଗ୍ରୁପ୍-ବି' ଏକ ମ୍ୟାଚ୍‌ରେ ପାଲେକେଲେ କ୍ରିକେଟ ଷ୍ଟାଡିୟମରେ ଶ୍ରୀଲଙ୍କା ୧୦୫ ରନରେ ଓମାନକୁ ପରାସ୍ତ କରିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଇଟାଲୀ ଦଶ ୱିକେଟ୍‌ରେ ନେପାଳକୁ ପରାସ୍ତ କରିଥିଲା।

ଆଜି ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ତିନୋଟି ମ୍ୟାଚ୍ ଅନୁଷ୍ଠିତ ହେବ । ପ୍ରଥମ ମ୍ୟାଚ୍‌ରେ ଗ୍ରୁପ୍-ଇ'ରେ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆ-ଜିମ୍ବାୱେ  ମଧ୍ୟରେ ପୂର୍ବାହ୍ନ ୧୧ଟାରେ ମ୍ୟାଚ୍ ଆରମ୍ଭ ହେବ। ଗ୍ରୁପ୍-ଡି'ର ଏକ ମ୍ୟାଚ୍‌ରେ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମ୍‌ରେ ଅପରାହ୍ନ ୩ ଟାରେ କାନାଡା-ୟୁଏଇ ମଧ୍ୟରେ ଏବଂ ଗ୍ରୁପ୍-ଇ'ର ଅନ୍ୟ ଏକ ମ୍ୟାଚ୍‌ରେ ସନ୍ଧ୍ୟା ୭ଟାରେ ଚେନ୍ନାଇର ଏମ.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ନେଦରଲ୍ୟାଣ୍ଡ୍‌ସ-ଆମେରିକା ମଧ୍ୟରେ ମ୍ୟାଚ୍ ଖେଳାଯିବ ।